# NATIONAL NEWS BULLETIN (ODIA)

**30 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସହିଦ ଦିବସ ଅବସରରେ ରାଜଘାଟ ସମାଧିପୀଠରେ ଗାନ୍ଧୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି ।

- କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ - କହିଲେ ପ୍ରଧାନମନ୍ତ୍ରୀ ।

- ଓ୍ୱାକ୍‌ଅଫ୍ ସଂଶୋଧନ ବିଲ୍ ୨୦୨୪ ଉପରେ ଆଜି ଲୋକସଭା ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିବ ମିଳିତ ସଂସଦୀୟ କମିଟି ।

- ପ୍ରୟାଗରାଜ ମହାକୁମ୍ଭରେ ସୁରକ୍ଷା ବ୍ୟବସ୍ଥା କଡାକଡି କଲେ ଉତ୍ତରପ୍ରଦେଶ ସରକାର ।

ଏବଂ

- ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରେ ରାତି ସମୟରେ ଘନକୁହୁଡି ହେବା ନେଇ ସତର୍କ କଲା ଭାରତୀୟ ପାଣିପାଗ ବିଭାଗ ।

---

# ଗାନ୍ଧୀ-ସର୍ବଧର୍ମ ପ୍ରାର୍ଥନା

ମହାତ୍ମା ଗାନ୍ଧୀଙ୍କ ୭୭ତମ ଶ୍ରାଦ୍ଧବାର୍ଷିକୀ ଏବଂ ସହିଦ ଦିବସ ଅବସରରେ ଦେଶ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ଏହି ଅବସରରେ ଆଜି ସକାଳେ ନୂଆଦିଲ୍ଲୀର ରାଜଘାଟସ୍ଥିତ ଗାନ୍ଧୀ ସମାଧୀରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାତ୍ମା ଗାନ୍ଧୀଙ୍କ ସମାଧୀରେ ମାଲ୍ୟାର୍ପଣ କରିଥିଲେ । ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଗାନ୍ଧୀଜୀଙ୍କ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ସହିଦ ଦିବସ ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆଜି ନୂଆଦିଲ୍ଲୀର ରାଜଘାଟସ୍ଥିତ ଜାତୀୟ ଗାନ୍ଧୀ ସଂଗ୍ରହାଳୟରେ ଉଦ୍‌ଘାଟିତ ହୋଇଛି । ଏହି ପ୍ରଦର୍ଶନୀର ବିଷୟବସ୍ତୁ ରହିଛି 'ମହାତ୍ମାଙ୍କ ଯାତ୍ରା-ତାଙ୍କ ନିଜସ୍ୱ ନଥିପତ୍ର ମାଧ୍ୟମରେ' । ଏହି ପ୍ରଦର୍ଶନୀରେ ମହାତ୍ମା ଗାନ୍ଧୀଙ୍କ ବିରଳ ଫଟୋଗ୍ରାଫ, ସରକାରୀ ଦଲିଲ, ଅଡିଓ ରେକର୍ଡିଂ, ଭିଡ଼ିଓ କ୍ଲିପିଂ ଓ ବ୍ୟକ୍ତିଗତ ଚିଠିପତ୍ର ଆଦି ସ୍ଥାନିତ ହୋଇଛି । ସେହିଭଳି ମହାତ୍ମାଙ୍କ ଜୀବନଯାତ୍ରା ଓ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନେଇ ୩୦ଟି ପ୍ୟାନେଲ ମଧ୍ୟ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏହି ପ୍ରଦର୍ଶନୀ ମହାତ୍ମା ଗାନ୍ଧୀଙ୍କ ଅହିଂସା, ନ୍ୟାୟ ଏବଂ ଶାନ୍ତି ମାର୍ଗଦର୍ଶନକୁ ଏକତ୍ରିତ କରିବାରେ ସହାୟକ ହୋଇଛି ।

# ପିଏମ୍-ଗାନ୍ଧୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାତ୍ମା ଗାନ୍ଧୀଙ୍କୁ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଦେଶବାସୀଙ୍କୁ ଏକ ବିକଶିତ ଭାରତ ନିର୍ମାଣ କରିବାକୁ ପ୍ରେରଣା ଦେଇଥାଏ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶକୁ ସ୍ୱାଧୀନ କରିବା ପାଇଁ ପୂର୍ବସୂରୀଙ୍କ ସେବା ଓ ବଳିଦାନକୁ ସ୍ମରଣ କରିବା ସହ ଦେଶପାଇଁ ସହିଦ ହୋଇଥିବା ସମସ୍ତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ପିଏମ୍-କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି । ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ମିଶନ ଉପରେ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଭାରତର ଉଚ୍ଚପ୍ରଯୁକ୍ତି ବିଦ୍ୟା, ସ୍ୱଚ୍ଛ ଶକ୍ତି, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପକୁ ଉତ୍ସାହିତ କରିବ । ସଂଶୋଧିତ ଇଥାନଲ କ୍ରୟମୂଲ୍ୟ ସମ୍ପର୍କିତ କ୍ୟାବିନେଟ୍ ନିଷ୍ପତ୍ତି ଦେଶରେ ଇଥାନଲ ଉତ୍ପାଦନ ଏବଂ ମିଶ୍ରଣ ଲକ୍ଷ୍ୟକୁ ବୃଦ୍ଧି କରିବାରେ ସାହାଯ୍ୟ

କରିବ । ଏହା ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ସହ କୃଷକ ସଶକ୍ତୀକରଣ ଏବଂ ସ୍ୱଚ୍ଛଶକ୍ତିକୁ ପ୍ରୋତ୍ସାହିତ କରିବାରେ ମଧ୍ୟ ସାହାଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜେପିସି ୱାକ୍‌ଅଫ ରିପୋର୍ଟ

ୱାକ୍‌ଅଫ୍ ସଂଶୋଧନ ବିଲ୍ ୨୦୨୪ ଉପରେ ମିଳିତ ସଂସଦୀୟ କମିଟି - ଜେପିସି ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ରିପୋର୍ଟ ପ୍ରଦାନ କରିବ । ଗତକାଲି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ୩୧ ସଦସ୍ୟ ବିଶିଷ୍ଟ ଏହି କମିଟିର ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ କହିଛନ୍ତି କମିଟି ଗତକାଲି ଏହି ବିଲ୍ ଉପରେ ଏକ ଡ୍ରାଫ୍ଟ ରିପୋର୍ଟ ଗ୍ରହଣ କରିଛି । ବିଲ୍ ସହିତ ଜଡିତ ୧୪ଟି ଧାରା ଉପରେ ସଂଶୋଧନ ପ୍ରସ୍ତାବ ଗ୍ରହଣ କରାଯାଇଛି । ଗତ ୬ ମାସ ମଧ୍ୟରେ ଏହି ବିଲ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିବା ଶ୍ରୀ ପାଲ୍ କହିଛନ୍ତି ।

ୱାକ୍‌ଅଫ୍ ସଂଶୋଧନ ବିଲ୍ ୨୦୨୪ ରେକର୍ଡର ଡିଜିଟାଇଜେସନ, କଠୋର ଅଡିଟ୍, ସ୍ୱଚ୍ଛତା ଏବଂ ବେଆଇନ ଭାବରେ ଅଧିକୃତ ୱାକ୍‌ଅଫ୍ ସମ୍ପତ୍ତିର ପୁନରୁଦ୍ଧାର ପାଇଁ ଆଇନ୍‌ଗତ କ୍ରିୟାଶୀଳ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ବିଲ୍ ସାରା ଦେଶରେ ୱାକ୍‌ଅଫ୍ ସମ୍ପତ୍ତିର ପରିଚାଳନା ଏବଂ ନିୟନ୍ତ୍ରଣରେ ସଂସ୍କାର ଆଣିବା ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ପାଲ୍ କହିଛନ୍ତି । ଅନ୍ୟପକ୍ଷରେ କମିଟିରେ ଥିବା ବିରୋଧୀ ସଦସ୍ୟମାନେ ରିପୋର୍ଟ ଗ୍ରହଣ ଉପରେ ପ୍ରଶ୍ନ

ଉଠାଇଛନ୍ତି । ବିଲ୍ ଉପରେ ଦିଆଯାଇଥିବା ପରାମର୍ଶ ଓ ଆପତ୍ତିକୁ ଗ୍ରହଣ କରାଯାଇ ନଥିବା ସେମାନେ କହିଛନ୍ତି ।

## ଇସିଆଇ-କେଜରିୱାଲ

ନିର୍ବାଚନ କମିଶନ ଆଜି ଆମ୍ ଆଦ୍‌ମୀ ପାର୍ଟିର ଆବାହକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଯମୁନା ନଦୀକୁ ବିଷାକ୍ତ କରିବା ଅଭିଯୋଗ ସହ ଜଡିତ ନୋଟିସ୍‌ର ଏକ ନିର୍ଦ୍ଦିଷ୍ଟ ଏବଂ ସ୍ୱଷ୍ଟ ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ ଶ୍ରୀ କେଜରିୱାଲଙ୍କୁ ଲେଖିଥିବା ଚିଠିରେ ଆମୋନିଆ ସ୍ତର ବୃଦ୍ଧି ପାଇବାର ଏକ ଦୀର୍ଘକାଳୀନ ଏବଂ ଆଇନ୍‌ଗତ ଭାବରେ ପରିଚାଳିତ ପ୍ରସଙ୍ଗ ସହ ଏହାକୁ ମିଶ୍ରଣ ନକରି କେବଳ ତାଙ୍କ ମନ୍ତବ୍ୟ ଉପରେ ଉତ୍ତର ଦାଖଲ କରିବାକୁ କହିଛନ୍ତି । ହରିୟାଣା ସରକାର ନଦୀରେ କି ପ୍ରକାର ଏବଂ କେତେ ପରିମାଣର ବିଷ ମିଶ୍ରଣ କରିଥିଲେ, ତାହାର ପ୍ରକୃତି ଏବଂ ଚିହ୍ନଟ କରିବାର ପଦ୍ଧତି ବିଷୟରେ ପ୍ରମାଣ ଦେବା ଆବଶ୍ୟକ ବୋଲି ନିର୍ବାଚନ କମିଶନ କେଜରିୱାଲଙ୍କଠାରୁ ଜାଣିବାକୁ ଚାହିଁଛନ୍ତି । ଅଭିଯୋଗ ଅନୁସାରେ ବିଷ କେଉଁଠାରେ ଚିହ୍ନଟ ହୋଇଥିଲା, ଦିଲ୍ଲୀ ଜଳବୋର୍ଡର କେଉଁ ଇଞ୍ଜିନିୟରମାନେ ଏହାକୁ ଚିହ୍ନଟ କରିଥିଲେ ଏବଂ ଏଥିପାଇଁ କେଉଁ ପଦ୍ଧତି

ଗ୍ରହଣ କରାଯାଇଥିଲା ତାହା ସ୍ୱଷ୍ଟ ଭାବେ ଲେଖି ଜଣାଇବାକୁ କମିଶନ କହିଛନ୍ତି ।

## ମହାକୁମ୍ଭ-ସୁରକ୍ଷା ବ୍ୟବସ୍ଥା କଡାକଡି

ଉତ୍ତରପ୍ରଦେଶ ସରକାର ପ୍ରୟାଗରାଜ ମହାକୁମ୍ଭ ମେଳା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛନ୍ତି । ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ନୋ ଭେଇକିଲ୍ ଜୋନ୍, ଅବଧିକୁ ବୃଦ୍ଧି କରାଯାଇଛି । ଭିଡ଼ ଏବଂ ଟ୍ରାଫିକ ପରିଚାଳନା ସହ ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ଅତିରିକ୍ତ ଟ୍ରାଫିକ ଏସ୍‌ପି ଅଂଶୁମାନ ମିଶ୍ର ଆକାଶବାଣୀକୁ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ-ପାର୍ଲ୍ୟାମେଣ୍ଟ

ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଅଧିବେଶନ ପୂର୍ବରୁ ଆଜି ସଂଧ୍ୟାରେ ଆକାଶବାଣୀର ସମ୍ବାଦସେବା ବିଭାଗ 'ସଂସଦ କେ ସମକ୍ଷ ମୁଦେ' ଏବଂ 'ସଂସଦ ପୂର୍ବରୁ ପ୍ରସଙ୍ଗ ଉପରେ' ଏକ ବିଶେଷ ଆଲୋଚନା ରଖିବ ।

ଶ୍ରୋତାମାନେ ସଂସଦ କେ ସମକ୍ଷ ମୁଦେ କାର୍ଯ୍ୟକ୍ରମ ହିନ୍ଦୀରେ ଆଜି ରାତି ୯ଟା ୩୦ରୁ ୧୦୦ ଦଶମିକ ୧ ମେଗାହର୍ଷ ଆକାଶବାଣୀ ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସିରେ ଶୁଣିପାରିବେ । ସେହିପରି ଇଂରାଜୀରେ ସଂସଦ

ପୂର୍ବରୁ ପ୍ରସଙ୍ଗ କାର୍ଯ୍ୟକ୍ରମ ୧୦୨ ଦଶମିକ ୬ ମେଗାହର୍ଷ ଆକାଶବାଣୀ ରେନ୍‌ବୋ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସିରେ ରାତି ସାଢ଼େ ୯ଟାରେ ଶୁଣିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀର ୟୁ-ଟ୍ୟୁବ୍ ଚ୍ୟାନେଲ, ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ମଧ୍ୟ ଉପଲବ୍ଧ ହେବ ।

## ଇସ୍ରାଏଲ-ହମାସ୍ କଏଦୀ ବିନିମୟ

ଗାଜା ସଂଘର୍ଷକୁ ହ୍ରାସ କରିବା ପାଇଁ ଚାଲିଥିବା ଅସ୍ତ୍ରବିରତି ଚୁକ୍ତିନାମାର ଅଂଶସ୍ୱରୂପ ଇସ୍ରାଏଲ ଏବଂ ହମାସ୍ ଆଜି ସେମାନଙ୍କର ତୃତୀୟ ବନ୍ଧକ କଏଦୀ ବିନିମୟ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଏହି ପ୍ରକ୍ରିୟାରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଦ୍ୱାରା ଚିହ୍ନଟ ହୋଇଥିବା ଗାଜାରେ ୫ଜଣ ଥାଇ ନାଗରିକ ସହିତ ବନ୍ଦୀଥିବା ୩ଜଣ ଇସ୍ରାଏଲ ବନ୍ଦୀଙ୍କୁ ମୁକ୍ତ କରାଯିବ । ପ୍ରତିବଦଳରେ ଇସ୍ରାଏଲ ବର୍ତ୍ତମାନ ଇସ୍ରାଏଲୀ ହେପାଜତରେ ଥିବା ୧୯ଶହ ପାଲେଷ୍ଟାନୀୟଙ୍କୁ ମୁକ୍ତ କରିବାକୁ ରାଜି ହୋଇଛି । ଚତୁର୍ଥ କଏଦୀ ବିନିମୟ ପ୍ରକ୍ରିୟା ଆସନ୍ତା ସପ୍ତାହରେ କରାଯିବାକୁ ସ୍ଥିର ହୋଇଥିବା ଜଣାପଡିଛି ।

## ପାଣିପାଗ

ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଜାମ୍ମୁକାଶ୍ମୀର, ଲଦାଖ- ଗିଲଗିଟ୍-ବଲ୍‌ଟିସ୍ତାନ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ତୁଷାରପାତ

ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଶନିବାର ପର୍ଯ୍ୟନ୍ତ ସମାନ ସ୍ଥିତି ରହିବ ବୋଲି ଆଇଏମ୍‌ଡି କହିଛି । ସେହିପରି ଆସନ୍ତା ୫ ଦିନ ମଧ୍ୟରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି ।

ଆଇଏମ୍‌ଡି କହିଛି ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଉପକୂଳ ଓଡ଼ିଶା, ଉପ ହିମାଳୟ ପଶ୍ଚିମବଙ୍ଗ ଏବଂ ସିକିମର କିଛିସ୍ଥାନରେ ରାତି ସମୟରେ ଘନକୁହୁଡି ଅନୁଭୂତ ହେବ ।

## ଟ୍ରମ୍ପ – ଏନ୍‌ଆର୍‌ଆଇ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ୟୁବାର ଗୁଆଣ୍ଟାନାମ ଉପସାଗରରେ ଥିବା ଆମେରିକୀୟ ନୌସେନା ଘାଟିରେ ୩୦ହଜାର ଶଯ୍ୟା ବିଶିଷ୍ଟ ପ୍ରବାସୀ ଅଟକ ସୁବିଧା ନିର୍ମାଣ କରିବାକୁ ଘୋଷଣା କରିଛନ୍ତି । ଏହି ନୂତନ କେନ୍ଦ୍ରଟି ଉଚ୍ଚ ସୁରକ୍ଷା କାରାଗାରଠାରୁ ପୃଥକ୍ ହେବ ଏବଂ ଏଥିରେ ଅବୈଧ ବିଦେଶୀମାନଙ୍କୁ ରଖାଯିବ ବୋଲି ଟ୍ରମ୍ପ କହିଛନ୍ତି । ଇମିଗ୍ରେସନ ଏବଂ କଷ୍ଟମ ଏନ୍‌ଫୋର୍ସମେଣ୍ଟ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରରେ ସମୁଦ୍ରରେ ଅଟକ ପ୍ରବାସୀମାନଙ୍କୁ ରଖାଯାଇପାରିବ । ଟ୍ରମ୍ପଙ୍କ ଏହି ପଦକ୍ଷେପକୁ କ୍ୟୁବା ସରକାର ବେଆଇନ୍ ଏବଂ ଅମାନବୀୟ

ବୋଲି କହିଛନ୍ତି । ଗୁଆଣ୍ଟାନାମ ଉପସାଗରରେ ବହୁଦିନ ଧରି ବନ୍ଦୀମାନଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି ।

# କ୍ରିକେଟ୍

ଚତୁର୍ଥ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆସନ୍ତାକାଲି ଭାରତୀୟ ପୁରୁଷ ଦଳ ପୁଣେର ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଇଂଲଣ୍ଡକୁ ଭେଟିବ । ଏହି ମ୍ୟାଚ୍‌ଟି ସଂଧ୍ୟା ୭ଟାରେ ଅନୁଷ୍ଠିତ ହେବ ।

ଆଇସିସି ଅଣ୍ଡର ନାଇଣ୍ଟିନ୍ ମହିଳା ଟି-୨୦ ବିଶ୍ୱକପ୍‌ରେ ଡିଫେଣ୍ଡିଙ୍ଗ ଚାମ୍ପିୟନ ଭାରତ ଆସନ୍ତାକାଲି କ୍ୱାଲାଲମ୍ପୁରର ବାୟୋମାସ୍ ଓଭାଲ ଷ୍ଟାଡିୟମରେ ଅନୁଷ୍ଠିତ ସେମିଫାଇନାଲରେ ଇଂଲଣ୍ଡ ସହିତ ମୁକାବିଲା କରିବ । ସକାଳ ସାଢ଼େ ୧୦ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ବାୟୋମାସ୍ ଓଭାଲ ଷ୍ଟାଡିୟମରେ ଆସନ୍ତାକାଲି ମଧ୍ୟାହ୍ନ ୧୨ଟାରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଉଭୟ ସେମିଫାଇନାଲର ବିଜେତାମାନେ ରବିବାର ଫାଇନାଲରେ ପରସ୍ପରକୁ ଭେଟିବେ ।

# ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାରେ ସେମିଫାଇନାଲ୍ ପର୍ଯ୍ୟାୟ ତାଲିକା ଚୂଡ଼ାନ୍ତ ହୋଇଛି । ଶ୍ରାଚି ରାଢ ବେଙ୍ଗଲ୍ ଟାଇଗର୍ସ, ହାଇଦ୍ରାବାଦ ତୋଫାନ୍ସ, ସୁର୍ମା ହକି କ୍ଲବ୍ ଏବଂ ତାମିଲ୍‌ନାଡୁ ଡ୍ରାଗନ୍ସ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ ଆସନ୍ତାକାଲି ତାମିଲ୍‌ନାଡୁ ଡ୍ରାଗନ୍ସ ଓ ବେଙ୍ଗଲ୍ ଟାଇଗର୍ସ ଏବଂ ସୁର୍ମା ହକି କ୍ଲବ୍ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଖେଳାଯିବ ।

ଗତକାଲିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରସ୍ ତାମିଲ୍‌ନାଡୁ ଡ୍ରାଗନ୍ସକୁ ୩-୨ ଗୋଲ୍‌ରେ ହରାଇ ବିଜୟୀ ହୋଇଛି । ତେବେ ପଏଣ୍ଟ୍ ଆଧାରରେ ତାମିଲ୍‌ନାଡୁ ସେମିଫାଇନାଲ୍‌ରେ ପହଞ୍ଚିଛି । ଅନ୍ୟ ଏକ ମ୍ୟାଚ୍‌ରେ ସୁର୍ମା ହକି କ୍ଲବ୍’ ବେଙ୍ଗଲ ଟାଇଗର୍ସକୁ ସୁଟ୍‌ଆଉଟ୍ ଜରିଆରେ ୩-୦ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି ।